## ୫୦ରୁ ଊର୍ଦ୍ଧ୍ୱ ପାକ୍ସ ଆକାଉଣ୍ଟ ଅଚଳ ଘଟଣା

# ପାକ୍ସ ଆୟକର ଅନ୍ତର୍ଭୁକ୍ତ କି?

ନୟାଗଡ଼,୨୧।୨(ସମିସ)

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଆୟକର ଫାଙ୍କିବା ଘଟଣା ଲୋକଙ୍କ ମନରୁ ଲିଭି ନଥିବା ବେଳେ ଏବେ ବିଭିନ୍ନ ପାକ୍ସ ଆକାଉଣ୍ଟ ଅଚଳ ପାଇଁ ଆୟକର ବିଭାଗ ନୋଟିସ କରିଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ପରିଚାଳକଙ୍କୁ ନୋଟିସ କରାଯାଇ ଜିଲ୍ଲାର ୫୦ ରୁ ଊର୍ଦ୍ଧ୍ୱ ପ୍ୟାକ୍ସ ଋଣ ଓ ଅନ୍ୟାନ୍ୟ ବ୍ୟାଙ୍କ ଖାତାକୁ ଫ୍ରିଜ କରାଯାଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କଠାରୁ ଟଙ୍କା ନେଇ ସମବାୟ ସମିତି ତଥା ପାକ୍ସ ଗୁଡ଼ିକ ଲୋକଙ୍କୁ ବିନା ସୁଧରେ ଋଣ ଲଗାଣ କରୁଛନ୍ତି। ପାକ୍ସ ଗୁଡ଼ିକ ଏ ବାବଦରେ ସାମାନ୍ୟତମ କମିଶନ ପାଉଥିବା ବେଳେ ବ୍ୟାପକ ଲାଭାଂଶ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ, ରାଜ୍ୟ ସମବାୟ ବ୍ୟାଙ୍କ ପାଉଛନ୍ତି। କିନ୍ତୁ ବାରମ୍ବାର ଋଣ ଦେଣ ନେଣ କରାଇ ସମବାୟ ବ୍ୟାଙ୍କ ଏବେ ପ୍ୟାକ୍ସ ଗୁଡ଼ିକୁ ଅଡୁଆ ମଧ୍ୟକୁ ଠେଲି ଦେଇଛି। ଆୟକର ବିଭାଗ ପ୍ୟାକ୍ସ ଆକାଉଣ୍ଟ ଫ୍ରିଜ କରିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଚୁପ ବସିଛି। ଏଭଳି ସ୍ଥିତିରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଓ କେନ୍ଦ୍ର ସମବାୟ ବିଭାଗ ଚିଠିକୁ ପାଠ କଲେ ପାକ୍ସ ବା ସମବାୟ ସମିତି ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ନାଁ ନାହିଁ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେଉଛି। ୨୦୨୨ ମସିହା ସୁପ୍ରିମକୋର୍ଟ ସିଭିଲ୍ ଅପିଲ୍ ନଂ ୮୭୧୯ ମାମଲାର ଶୁଣାଣିରେ ଅପ୍ରେଲ ୧୦, ୨୦୨୩ ମସିହାରେ ପ୍ରକାଶିତ ନିର୍ଦ୍ଦେଶ ଅନୁସାରେ, ସେବା ସମବାୟ ସମିତି ତଥା କୃଷି ପାଇଁ ସମର୍ପିତ ସୋସାଇଟ ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ନୁହେଁ ବୋଲି ଜଣାପଡ଼ିଛି। ଉକ୍ତ ନିର୍ଦ୍ଦେଶ ଆଧାରରେ କେନ୍ଦ୍ର ସମବାୟ ବିଭାଗ ୨୦୨୩ ମସିହା ଜୁଲାଇ ୭ ତାରିଖରେ ସମସ୍ତ ରାଜ୍ୟକୁ ଚିଠି ମାଧ୍ୟମରେ ଅବଗତ କରିଥିଲେ। ସୋସାଇଟ ଗୁଡ଼ିକ ଆୟକର ଅନ୍ତର୍ଭୁକ୍ତ ହୋଇନଥିବା ବେଳେ ସୁପ୍ରିମକୋର୍ଟ ଓ କେନ୍ଦ୍ର ସମବାୟ ବିଭାଗ ନିର୍ଦ୍ଦେଶ ରହିଥିବା ବେଳେ କିଭଳି ଆୟକର ବିଭାଗ ପାକ୍ସ ଆକାଉଣ୍ଟ ଅଚଳ କରିଛି ବୋଲି ଅନେକ ସମବାୟ ବିତ୍ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପକ୍ଷେ, ଦୀର୍ଘ ବର୍ଷ ଧରି ଆୟକର ବିଭାଗ ପାକ୍ସଗୁଡ଼ିକୁ ନୋଟିସ କରି ଆସୁଥିଲା। ଏହାକୁ ସମାଧାନ କରିବା ପାଇଁ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା କର୍ତ୍ତୃପକ୍ଷ ବିଗତ ଦିନରେ ପାକ୍ସ ଗୁଡ଼ିକରୁ ୧୫ ହଜାର ଲେଖାଏଁ ଟଙ୍କା ଆଦାୟ କରିଥିଲେ।

ଏହି ଅର୍ଥକୁ କିଛି ବ୍ୟକ୍ତି ଚଲୁ କରି ଦେଇଥିବା ବେଳେ ଏବେ ପ୍ୟାକ୍ସ ଗୁଡ଼ିକ ଅଡୁଆ ମଧ୍ୟକୁ ଠେଲି ହୋଇଯାଇଛି। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ବିଭିନ୍ନ ଶାଖା ଅଧିନରେ ରହିଥିବା ପ୍ୟାକ୍ସ ଗୁଡ଼ିକର ବ୍ୟାଙ୍କ ଖାତାରେ ଦେଣନେଣ ନକରିବା ପାଇଁ ଆୟକର ବିଭାଗ ଗତ ୧୧ ତାରିଖରେ ନୋଟିସ କରିଥିଲା। ଏହି ନୋଟିସ ଆଧାରରେ ବିଭିନ୍ନ ଶାଖା ପରିଚାଳକମାନେ ପାକ୍ସ ଆକାଉଣ୍ଟ ଅଚଳ କରି ଦେଇଛନ୍ତି। ଯାହାକୁ ନେଇ ବିଭିନ୍ନ ପାକ୍ସ ଏବେ ଚିନ୍ତାରେ ପଡ଼ିଛି। ବ୍ୟାଙ୍କ ଖାତା ଅଚଳ ହେଲେ, ଯୋଗୁଁ ଚାଷୀଙ୍କ ଋଣ ଦେଣନେଣ ହୋଇପାରିବ ନାହିଁ। ଏହା ସହିତ ପ୍ୟାକ୍ସ ଗୁଡ଼ିକ ନିଜସ୍ୱ ପରିଚାଳନା, କର୍ମଚାରୀଙ୍କୁ ଦରମା ଏବଂ ମଣ୍ଡି ପରିଚାଳନା ପାଇଁ ଟଙ୍କା ଉଠାଣ କରି ପାରିବେ ନାହିଁ। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ହୋଇଥିବା ଆୟକର ଘୋଟାଲା ପରିଧି ମଧ୍ୟରେ ପ୍ୟାକ୍ସ ଗୁଡ଼ିକ ଏବେ ଛନ୍ଦି ହୋଇଛନ୍ତି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଆୟକର ଜାଲ ମଧ୍ୟରୁ ନିଜକୁ ମୁକ୍ତ କରିଥିବା ବେଳେ ପାକ୍ସ ଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଉନାହିଁ। ଯାହାକୁ ନେଇ ଅନେକ ପ୍ୟାକ୍ସ ସଭାପତି ବ୍ୟାଙ୍କ ଘେରାଉ କରିବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

**● ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଆଧାରରେ ୨୦୨୩ ଜୁଲାଇରେ କେନ୍ଦ୍ର କରିଥିଲା ଚିଠି**

## ଜିଲ୍ଲାରେ ୧୦ ଲକ୍ଷ କ୍ୱିଣ୍ଟାଲ ଧାନକିଣା

# କୁଣ୍ଠାଇଲେଣି ମିଲର; ଦୋଛକିରେ ଚାଷୀ

ନୟାଗଡ଼,୨୧।୨(ସମିସ): ନୟାଗଡ଼ ଜିଲ୍ଲାରେ ବହୁ ବିଳମ୍ବରେ ଧାନକିଣା ଆରମ୍ଭ ହୋଇଛି। ଜିଲ୍ଲା ଯୋଗାଣ ବିଭାଗ ଓ ସମବାୟ ବିଭାଗ ମିଳିତ ଆନୁକୂଲ୍ୟରେ ଧାନକିଣା ଚାଲିଥିବା ବେଳେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଶେଷ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟ ଜିଲ୍ଲାକୁ ମିଳିଥିବା ବେଳେ ମିଲର କିନ୍ତୁ ଧାନ ଉଠାଇବାକୁ କୁଣ୍ଠାଇବା ପରିସ୍ଥିତି ସୃଷ୍ଟି ହୋଇଛି। ନୟାଗଡ଼ ଜିଲ୍ଲାରେ ୧୭୪ଟି ସ୍ଥାନରେ ମଣ୍ଡି ହେଉଛି। ୧୫ ଜଣ ମିଲର ଧାନକିଣାରେ ସାମିଲ ହୋଇଛନ୍ତି। ଜିଲ୍ଲାରେ ୫୯ ହଜାର ୭୦୦ ଚାଷୀ ଧାନ ବିକ୍ରି କରିବାକୁ ଟୋକନ ଇସ୍ୟୁ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାକୁ ୧୦ ଲକ୍ଷ ୧୬ ହଜାର କ୍ୱିଣ୍ଟାଲ ଧାନ କିଣିବା ପାଇଁ ରାଜ୍ୟ ସରକାର ଟାର୍ଗେଟ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୫ ଲକ୍ଷ କ୍ୱିଣ୍ଟାଲ ଧାନକିଣିବାକୁ ଟାର୍ଗେଟ ଆସିଛି। ଡିସେମ୍ବର ୨୯ ତାରିଖରୁ ଧାନକିଣା ଶୁଭାରମ୍ଭ ହୋଇଥିଲା। କିନ୍ତୁ ଜାନୁୟାରୀ ୨୦ରୁ ବାସ୍ତବରେ ଧାନକିଣା ଆରମ୍ଭ ହୋଇଥିଲା। ଆଜି ସୁଦ୍ଧା ୧୦ ଲକ୍ଷ ୬୨ ହଜାର କ୍ୱିଣ୍ଟାଲ ଧାନକିଣା ହୋଇଥିବା ଜିଲ୍ଲା ଯୋଗାଣ ବିଭାଗରୁ ସୂଚନା ମିଳିଛି। ମୋଟାମାଟି କହିବାକୁ ଗଲେ ପ୍ରଥମ ପର୍ଯ୍ୟାୟ ଟାର୍ଗେଟ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଟାର୍ଗେଟରେ ଧାନକିଣା ଆରମ୍ଭ ହୋଇଛି। ମାର୍ଚ୍ଚ ୩୧ ସୁଦ୍ଧା ଧାନକିଣା ଶେଷ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବେଳେ ଧାନ ଉଠାଇବା ପାଇଁ ମିଲରମାନେ ଏବେ ନାକରେ ପାଣି ପିଆଉଛନ୍ତି। ଜିଲ୍ଲାର ଅଧିକାଂଶ ମଣ୍ଡିରେ ୫୦ ପ୍ରତିଶତ ଧାନକିଣା ହୋଇନାହିଁ। ମିଲରମାନେ ଗାଡ଼ି ପଠାଇବାକୁ କୁନ୍ଥୁକୁନ୍ଥୁ ହେଉଥିବା ଦେଖିବାକୁ ମିଳିଛି। ଫଳରେ ଚାଷୀ ଧାନ ମଣ୍ଡିରେ ୪ରୁ ୭ ଦିନ ଧରି ପଡ଼ି ରହୁଛି। ମଣ୍ଡିରୁ ଠିକ ଭାବେ ଧାନ ଉଠୁ ନଥିବାରୁ ଅନେକ ଚାଷୀ ମିଲ ପଏଣ୍ଟକୁ ନିଜେ ଗାଡ଼ି ଭଡ଼ାରେ ଧାନ ନେଇ ଯାଉଛନ୍ତି। ମିଲ ପଏଣ୍ଟରେ ମିଲରଙ୍କ ମନମାନୀ ଯୋଗୁଁ ଚାଷୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ଦୁଇ ଦୁଇ ଦିନ ଧରି ଚାଷୀ ମିଲ ପଏଣ୍ଟରେ ଧାନ ଧରି ଅପେକ୍ଷା କରୁଥିଲେ ମଧ୍ୟ ତାହାକୁ ଖାଲି କରାଯାଉନାହିଁ। ଏପରିକି ଚାଷୀ, ପ୍ୟାକ୍ସ କର୍ମଚାରୀଙ୍କୁ ମିଲରମାନେ ଦୁର୍ବ୍ୟବହାର କରୁଥିବା ନେଇ ଅନେକ ସ୍ଥାନରୁ ଅଭିଯୋଗ ଆସୁଥିଲେ ମଧ୍ୟ ଏହାକୁ ଆଦୌ ଧ୍ୟାନ ଦିଆଯାଉନାହିଁ। ଏବେକାର ସ୍ଥିତିରେ ଯେଉଁ ହାରରେ ଧାନକିଣା ଚାଲିଛି, ତାହା ସମୟ ସାପେକ୍ଷ ବୋଲି ଅନେକ ସମ୍ପାଦକ କହିଛନ୍ତି। ମିଲରଙ୍କ ଜିଦ ଆଗରେ ନୟାଗଡ଼ ଚାଷୀ ମୁଣ୍ଡ ନୁଆଁଇଥିବା ବେଳେ ଏବେ ଅକଥନୀୟ ଯନ୍ତ୍ରଣା ଭୋଗୁଛନ୍ତି। ମିଲରମାନେ ଜିଦରେ ଅଟଳ ରହି କ୍ୱିଣ୍ଟାଲ ପିଛା ୬ରୁ ୭ କେଜି ପର୍ଯ୍ୟନ୍ତ କାଟେଣୀ କାଟୁଛନ୍ତି। ତଥାପି ଧାନ ସଠିକ ଭାବେ ଉଠାଉ ନଥିବାରୁ ପ୍ୟାକ୍ସ କର୍ମଚାରୀମାନେ ଚାଷୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି। ଜିଲ୍ଲାରେ ଚାଷୀ କେବଳ ଭଗବାନଙ୍କ ଭରସାରେ କାଳାତିପାତ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ଏ ସବୁ ପ୍ରତି ଆଖି ବୁଜି ଦେଇଥିବା ଅଭିଯୋଗ ହେଉଛି। ଅନେକ ସ୍ଥାନରେ ଚାଷୀଙ୍କ ଧାନ ଉଠୁନଥିବା ନେଇ ଯୋଗାଣ ବିଭାଗକୁ ଅବଗତ କରାଯିବା ପରେ ବି ଏହାକୁ ଧ୍ୟାନ ଦିଆଯାଉନଥିବା ଅଭିଯୋଗ ହେଉଛି।

## ଅବସରପ୍ରାପ୍ତ ସୈନିକଙ୍କ ପରଲୋକ

ଓଡ଼ଗାଁ,୨୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡଗାଁ ଥାନା ଅନ୍ତର୍ଗତ ବାହାଡାଝୋଲା ମାଣିକପାଟଣା ଗ୍ରାମର ଅବସରପ୍ରାପ୍ତ ସୈନିକ ସୁଦର୍ଶନ ସାହୁ(୮୮)ଙ୍କ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ସାହୁ କିଶୋର ଅବସ୍ଥାରେ ଭାରତୀୟ ସେନାବାହିନୀର ଆର୍ମି ସର୍ଭିସ କୋରରେ ଯୋଗଦେଇ ଦୀର୍ଘ ସମୟ ଦେଶସେବାରେ ନିୟୁକ୍ତ ରହିଥିଲେ। ୧୯୬୧, ୧୯୬୫ ଓ ୧୯୭୧ ମସିହାର ଯୁଦ୍ଧରେ ସେ ସାମିଲ ହୋଇ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରିଥିଲେ। ଶନିବାର ସକାଳେ ପରିବାର ସଦସ୍ୟମାନେ ତାଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଦୁଇ ପୁଅ, ବୋହୂ ଓ ଝିଅ-ଜ୍ୱାଇଁଙ୍କ ଉପସ୍ଥିତିରେ ଗରିମାମୟ ପରିବେଶରେ ଅନ୍ତିମ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ପୁରୀ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ଗୋଡିପଡ଼ାରେ କ୍ୟାମ୍ପ କୋର୍ଟ

ଓଡ଼ଗାଁ,୨୧।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗୋଡିପଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଓଡ଼ଗାଁ ଅଦାଲତ ଆନୁକୂଲ୍ୟରେ ଗ୍ରାମ୍ୟ ନ୍ୟାୟାଳୟ ଭ୍ରାମ୍ୟମାଣ କୋର୍ଟ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ ନ୍ୟାୟାଧିକାରୀ ସୌମ୍ୟାଶ୍ରୀ ମହାପାତ୍ରଙ୍କ ଉପସ୍ଥିତିରେ ଶନିବାର ୨୨ ଗୋଟି ମାମଲାର ସାକ୍ଷ ଗ୍ରହଣ କରାଯାଇ ୨ ମାମଲାରେ ଅଭିଯୁକ୍ତଙ୍କୁ ଜାମିନ ପ୍ରଦାନ କରାଯାଇଥିଲା। ସରକାରୀ ଆଇନଜୀବୀ କିଶୋର ଚନ୍ଦ୍ର ସାହୁ ମାମଲା ଗୁଡ଼ିକୁ ପରିଚାଳନା କରିଥିବା ବେଳେ ଆଇନଜୀବୀ ପ୍ରମୋଦ କୁମାର ବିଶ୍ୱାଳ, ନାରାୟଣ ନାୟକ, ବସନ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଗୋଡ଼ିପଡ଼ା ଗ୍ରାମ ପଞ୍ଚାୟତ ତରଫରୁ ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁ ଓ ସମିତି ସଭ୍ୟା ସସ୍ମିତା ମହାନ୍ତି ପୁଷ୍ପଗୁଚ୍ଛ ପ୍ରଦାନ କରି ଗ୍ରାମ ନ୍ୟାୟାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

**● ଭାପୁର ନୟାଗଡ଼ ରାସ୍ତା**

## ରାଜ୍ୟ ରାଜପଥ ମାନ୍ୟତା ଦାବି

ଭାପୁର,୨୧।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭାପୁର ବଜାର, ଖଣ୍ଡପଡ଼ା ଦେଇ ନୟାଗଡ଼ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାକୁ ରାଜ୍ୟ ରାଜପଥ ମାନ୍ୟତା ଦେବାକୁ ଦାବି ହେଉଛି। ନୟାଗଡ଼ଠାରୁ ଖଣ୍ଡପଡ଼ା ଓ ଖଖପଡା ଭାପୁର ଦେଇ ପ୍ରତିଦିନ ହଜାର ହଜାର ଗାଡ଼ି ମୋଟର ଯାଉଅଛି। ଜନସଙ୍ଖ୍ୟା ବୃଦ୍ଧି ଯୋଗୁଁ ଦୁଇ ଚକିଆ ଓ ଚାରି ଚକିଆ ଗାଡ଼ିର ଯାତାୟାତ ଅହେତୁକ ବୃଦ୍ଧି ପାଇଛି। ଏତେ ସଂଖ୍ୟକ ଗାଡ଼ି ଯାତାୟତ ପାଇଁ ରାସ୍ତା ପ୍ରଶସ୍ତୀକରଣ କମ ହୋଇଥିବାରୁ ପ୍ରତିଦିନ ଭାପୁର ବଜାର, ବାହାଡ଼ା ବଜାରରେ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ସମାସ୍ୟା ସୃଷ୍ଟି ହେଉଛି। କଟକ ଜିଲ୍ଲା କଳାପଥର ନିକଟ କୋଦବେରେଣୀଠାରୁ ଭାପୁର ଦେଇ ଖଣ୍ଡପଡ଼ା ରାସ୍ତା ଉପରେ ଭାପୁର ଓ ଖଣ୍ଡପଡ଼ା ବ୍ଲକ ସହ ଗଣିଆ ଅଞ୍ଚଳର ଅନେକ ଲୋକ ଭୁବନେଶ୍ୱର ଓ ଖୋର୍ଦ୍ଧା ଯିବା ଆସିବା ପାଇଁ ଲୋକମାନଙ୍କ ପ୍ରମୁଖ ରାସ୍ତା ଅଟେ। ରାଜ୍ୟ ସରକାର ଏହି ରାସ୍ତାକୁ ରାଜ୍ୟ ରାଜପଥର ମାନ୍ୟତା ଦେଲେ ଏ ଅଞ୍ଚଳର ଗମନାଗମନର ରୂପରେଖ ବଦଳି ଯାଆନ୍ତା।

# ବ୍ଲକସ୍ତରୀୟ ମହିଳା ଆଇନ ସଚେତନତା




ନୟାଗଡ଼,୨୧।୨(ସମିସ): ନୟାଗଡ଼ ପଞ୍ଚାୟତ ସମିତି ସଭାଗୃହରେ ବ୍ଲକସ୍ତରୀୟ ମହିଳା ଆଇନ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତୀକରଣ ଓ ମହିଳାଙ୍କ ଆଇନଗତ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ମହିଳା କମିଶନ ଅଧ୍ୟକ୍ଷା ଉର୍ମିଳା ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହା ସହ ଜିଲ୍ଲାପାଳ ମଧୁମିତା ରଥ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ପୁଷ୍ପଲତା ପାତ୍ର, ପୂର୍ବତନ ସିଡବ୍ଲ୍ୟୁସି ସଦସ୍ୟା ତଥା ସମାଜସେବୀ ମାନୀ ପାଢ଼ୀ, ଜିଲ୍ଲା ମହିଳା ସଶକ୍ତୀକରଣ ସଂଯୋଜକ ସୌମ୍ୟ ରଞ୍ଜନ ଦାଶ, ସିଡିପିଓ ସୌଦାମିନି ପଣ୍ଡା, ପୋଗ୍ରାମ ଅଫିସର ସଞ୍ଜୁ ଲତା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ, ରାଜ୍ୟ ମହିଳା ଆୟୋଗ ଅଧ୍ୟକ୍ଷା ଓ ଡିଏସଡବ୍ଲ୍ୟୁଓ ମହିଳାଙ୍କ ସୁରକ୍ଷା, ସମାନ ଅଧିକାର ଏବଂ ସରକାରୀ ଯୋଜନା ସମ୍ପର୍କରେ ଅଲୋଚନା କରିଥିଲେ। ରିସୋର୍ସ ପର୍ସନ ଶ୍ରୀମତୀ ପାଢ଼ୀ ମହିଳାଙ୍କ ପାଇଁ ଥିବା ବିଭିନ୍ନ ଆଇନ ସମ୍ପର୍କରେ ବ୍ୟାପକ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ନୟାଗଡ ବ୍ଲକର ସମସ୍ତ ଆଇସିଡିଏସ୍ ସୁପରଭାଇଜର, ପିଆରଆଇ ସଦସ୍ୟ, ଆଶା ଓ ଅଙ୍ଗନବା? କର୍ମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ଦକ୍ଷିଣକାଳୀଙ୍କ ମନ୍ଦିରକୁ ୧ ଲକ୍ଷ ଟଙ୍କା ଦାନ

ନୟାଗଡ଼,୨୧।୨(ସମିସ): ନୟାଗଡ଼ ଅଧିଷ୍ଠାତ୍ରୀ ଦେବୀ ମା' ଦକ୍ଷିଣକାଳୀଙ୍କ ମନ୍ଦିରକୁ ଆଜି ଜଣେ ସହୃଦୟ ବ୍ୟକ୍ତି ୧ ଲକ୍ଷ ଟଙ୍କା ଦାନ କରିଥିବା ସୂଚନା ମିଳିଛି। ନୟାଗଡ଼ ଗାନ୍ଧୀମାର୍ଗ ନିବାସୀ ତଥା ନୟାଗଡ଼ ବଣିକ ସଂଘ ପୂର୍ବତନ ସମ୍ପାଦକ ରମାକାନ୍ତ ମିଶ୍ର ଏହି ଅର୍ଥ ଦାନ କରିଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ପଟ୍ଟନାୟକ, ସାମ୍ବାଦିକ ଭବନ ସଭାପତି ବୈଦ୍ୟଭୂଷଣ ମହାପାତ୍ର, କାଉନସିଲର ଲକ୍ଷ୍ମୀଧର ମହାପାତ୍ର, ଜାମିନକାନ୍ତ ମିଶ୍ରଙ୍କ ଉପସ୍ଥିତିରେ ଏହି ଅର୍ଥ ଦାନ କରାଯାଇଛି। ଶ୍ରୀ ମିଶ୍ର ଦୈନିକ "ସକାଳ'ର ପୂର୍ବତନ ସମ୍ପାଦକ ଉମାକାନ୍ତ ମିଶ୍ରଙ୍କ କନିଷ୍ଠ ଭ୍ରାତା। ଆସନ୍ତା ୨୪ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ମା ଦକ୍ଷିଣକାଳୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ସରକାର ୫ଟି ଯୋଜନାରେ ନୂତନ ମନ୍ଦିର ନିର୍ମାଣ କରିବା ପାଇଁ ୩ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ।



## ବାଳିକା ଆତ୍ମରକ୍ଷା କୌଶଳ ଉଦ୍‌ଘାଟିତ

ପୁରୀ,୨୧।୨(ସମିସ): ଗୋପୀନାଥ ଦେବ ଡିଗ୍ରୀ କଲେଜର ବାଳିକା ଆତ୍ମରକ୍ଷା କୌଶଳ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସୁଦର୍ଶନ ମହାରଥୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଛି। ଅଧ୍ୟକ୍ଷ ଶ୍ରୀ ମହାରଥୀ ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ମାର୍ଚ୍ଚ ୫ ପର୍ଯ୍ୟନ୍ତ ଜାରିରହିବ। ଆତ୍ମରକ୍ଷା ପ୍ରଶିକ୍ଷିକା ସତ୍ୟଭାମା ମୁଦୁଲି, ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଏବଂ କଲେଜ କର୍ମଚାରୀ ଏହାର ସହଯୋଗ କରୁଛନ୍ତି।

## ଦିବ୍ୟ ଜନନୀ ଶ୍ରୀମାଙ୍କ ଜୟନ୍ତୀ ପାଳିତ

ଗଣିଆ,୨୧।୨(ସମିସ): ଦିବ୍ୟ ଜନନୀ କରୁଣାମୟୀ ଶ୍ରୀମା'ଙ୍କ ୧୪୮ ତମ ଜୟନ୍ତୀ ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ଆନନ୍ଦ ଚନ୍ଦ୍ର ବେହେରା ମାତୃ ପତାକା ଉତ୍ତୋଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚ ପାଷ୍ଟ, ବନ୍ଦେ ମାତରମ୍ ଗାନ କରାଯାଇଥିଲା। ବିଦ୍ୟାଳୟ ପରିସରରୁ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରାଯାଇଥିଲା। ଛାତ୍ରଛାତ୍ରୀ ଶ୍ରୀମାଙ୍କ ଜୟନ୍ତୀ ଓ ମାତୃଭାଷା ଦିବସ ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ଶ୍ରୀ ଅରବିନ୍ଦଙ୍କ ସମାଧି ମନ୍ଦିର ନିକଟରେ ସମବେତ ଧ୍ୟାନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସଂଗଠିକା ଉଷା ପଟ୍ଟନାୟକ, ରତ୍ନାକର ମହାପାତ୍ର, ସ୍ୱରୂପା ପଟ୍ଟନାୟକ, ଲକ୍ଷ୍ମୀଧର ନାୟକଙ୍କ ସମେତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟ ପରିସରରେ ମାତୃଭାଷା ଦିବସ ମଧ୍ୟ ପାଳନ କରାଯାଇଥିଲା। ଅପରାହ୍ନରେ ମାତୃପତାକା ଅବତରଣ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ସୁପୋଷିତ କର୍ମଶାଳା

# ଶିଶୁଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣକୁ ଗୁରୁତ୍ୱ



ପୁରୀ,୨୧।୨(ସମିସ): କୁପୋଷଣକୁ ଦୂରେଇ ସମସ୍ତଙ୍କୁ ସୁପୋଷିତ କରିବା ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ଅଙ୍ଗନବାଡି ସ୍ତରରୁ ଉଦ୍ୟମ ଆରମ୍ଭ ହୋଇଛି ବୋଲି କହିଛନ୍ତି ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି। ଶନିବାର ପୂର୍ବାହ୍ନରେ ସଦ୍‌ଭାବନା ସଭାଗୃହଠାରେ ସମାଜ କଲ୍ୟାଣ ବିଭାଗ ପକ୍ଷରୁ ସୁପୋଷଣ ସମ୍ପର୍କରେ ଏକ ଦିବସୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ଶ୍ରୀ ପୃଷ୍ଟି ଶିଶୁମାନଙ୍କୁ ଉପଯୁକ୍ତ ପୁଷ୍ଟିକର ଖାଦ୍ୟ ଯୋଗାଣ ସହ ସେମାନେ ଯେପରି ସୁସ୍ଥ ଓ ସୁନ୍ଦର ସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ ସେଥିପ୍ରତି ସରକାର ବ୍ୟବସ୍ଥା କରିଛନ୍ତି। ଏହାକୁ ଯେପରି ଅଧିକ ଲୋକାଭିମୁଖୀ ଓ ସରଳ ପ୍ରକ୍ରିୟାରେ ଉପଯୋଗ କରାଯାଇ ପାରିବ ସେଥିଲାଗି ଏହି ପ୍ରଶିକ୍ଷଣ ଶିବିର ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଶୁଭେଚ୍ଛା ବାର୍ତ୍ତା ଓ ସୁପୋଷଣର ମହତ୍ତ୍ୱ ସମ୍ପର୍କରେ ଭିଡିଓ ବାର୍ତ୍ତାକୁ ଉପସ୍ଥାପନ କରାଯାଇଥିଲା। ଏଥିରେ ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସୁପୋଷଣର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ରାଜ୍ୟସ୍ତରୀୟ ମାଷ୍ଟର ଟ୍ରେନର ହୃଦୟ ପ୍ରଦୀପ ଓ ଇଶିକା ସୁପୋଷଣର ଉପଯୋଗ, ଅଙ୍ଗନବାଡ଼ିରେ ତାହାର କାର୍ଯ୍ୟକାରିତା, ପ୍ରତି ମାସର ପ୍ରଥମ ଓ ତୃତୀୟ ଶନିବାରକୁ ସମ୍ପ୍ରଦାୟ ଦିବସ ଭାବେ ପାଳନର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପରଭାଇଜର ଚନ୍ଦ୍ରପ୍ରଭା ଦେଇ, ବାଲ୍ୟବତୀ ମହାନ୍ତି, ପୋଷଣର ଡିପିସି ସସ୍ମିତା କର୍ମକାର, ସମସ୍ତ ସିଡିପିଓ, ସୁପରଭାଇଜର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ସୁପୋଷଣ ଶପଥ ପାଠ କରାଯାଇଥିଲା।

## ୨୬ରେ ଟାଉନ ହଲ୍‌ରେ ଓଡ଼ିଶୀ ଆସର

ପୁରୀ,୨୧।୨(ସମିସ): ଆସନ୍ତା ୨୬ ତାରିଖରେ ସ୍ଥାନୀୟ ଟାଉନ ହଲ୍‌ଠାରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡିଶୀ ଆସରର ଆୟୋଜନ କରାଯାଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ର ପକ୍ଷରୁ ୨୬ ତାରିଖ ଅପରାହ୍ନ ୫ଟାଠାରୁ ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କ ଦ୍ୱାରା ଏହା ଆୟୋଜିତ ହେବ। ଓଡିଶୀ ନୃତ୍ୟ ଓ ସଂଗୀତର ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଚଳିତଥର ମହାପ୍ରଭୁଙ୍କ କ୍ଷେତ୍ରରେ ଏହା ଆୟୋଜନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଯୋଗଦେବାକୁ ଗୁରୁ କେଳୁଚରଣ ମହାପାତ୍ର ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁରୋଧ କରିଛନ୍ତି।

## ଅଷ୍ଟମ ବାର୍ଷିକ ଉତ୍ସବ

# ଅସହାୟଙ୍କ ପାଇଁ ସହାୟ ହେଉଛି ସମର୍ପଣ



ନୟାଗଡ଼,୨୧।୨(ସମିସ): ନୟାଗଡ଼ ଲେଖନପୁରଠାରେ ଥିବା ସମର୍ପଣ ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠାନ ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଯୋଗଦେଇ ସମର୍ପଣ ଅନ୍ତେବାସୀଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ। ଆୟୋଜିତ ସଭାକୁ ସମର୍ପଣ ପରିଚାଳନା କମିଟିର କାର୍ଯ୍ୟକାରୀ ସଭାପତି ଅରୁଣ କୁମାର ମହାନ୍ତି ସଂଯୋଜନା କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ଅନୁଷ୍ଠାନର ସଂପାଦକ ଶ୍ରୀଧର ସାହୁ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ତଥା ସମର୍ପଣ ବୃଦ୍ଧାଶ୍ରମ ପରିଚାଳନା କମିଟି ସଭାପତି ଶ୍ରୀମତୀ ରଥ କହିଥିଲେ, ମୁଁ ଏ ଅନୁଷ୍ଠାନର ଅତିଥି ନୁହେଁ ମୁଁ ହେଉଛି ଜଣେ ସେବକ। ଆପଣଙ୍କର ପୂର୍ଣ୍ଣ ସହଯୋଗରେ ଏହି ସମର୍ପଣ ବୃଦ୍ଧାଶ୍ରମ କେବଳ ନୟାଗଡ଼ ମାଟିରେ ନୁହେଁ ସମଗ୍ର ଓଡିଶାରେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିପାରିଛି। ଅସହାୟଙ୍କ ପାଇଁ ସହାୟ ହେଉଛି ଏହି ସମର୍ପଣ। ସମର୍ପଣ ଗୃହର ପରିଚାଳନା ସହିତ କଳେବର ବୃଦ୍ଧିରେ ସହଯୋଗ କରୁଥିବା ସମସ୍ତ ବଦାନ୍ୟ ବ୍ୟକ୍ତି ବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍, ଭାରତ ବିକାଶ ପରିଷଦ, ଦେବଦୂତ ସେବା ପରିଷଦ, ବରିଷ୍ଠ ନାଗରିକ ମଞ୍ଚ ଓ ନୟାଗଡ଼ ସହରର ବହୁ ବୁଦ୍ଧିଜୀବୀ ସମେତ ପରିଚାଳନା କମିଟିର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ। ପରିଶେଷରେ ସମର୍ପଣ ପରିଚାଳନା କମିଟି କୋଷାଧ୍ୟକ୍ଷ ସନ୍ତୋଷ କୁମାର ନାୟକ ସମସ୍ତ ଉପସ୍ଥିତ ବରିଷ୍ଠ ନାଗରିକ, ପରିଚାଳନା କମିଟିର ସଦସ୍ୟ ଓ କର୍ମଚାରୀଙ୍କ ସହଯୋଗ ସଦିଚ୍ଛା ପାଇଁ କୃତଜ୍ଞତା ଜ୍ଞାପନ କରିଥିଲେ।

# ଗ୍ରୀଷ୍ମ ମୁକାବିଲା ସମୀକ୍ଷା ଓ ସଚେତନତା

ନୟାଗଡ଼,୨୧।୨(ସମିସ)




ନୟାଗଡ଼ ଜିଲ୍ଲା ପ୍ରଶାସନ ଜରୁରୀ କାଳୀନ ବିଭାଗ ଆନୁକୂଲ୍ୟରେ ଆଜି ଗ୍ରୀଷ୍ମ ମୁକାବିଲା ସମୀକ୍ଷା ଓ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଉଛି। ଜିଲ୍ଲାପାଳ ମଧୁମିତା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ରୋଜିନା ଦାଶ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ଡେପୁଟି କଲେକ୍ଟର ତପତି ରାଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପୁଷ୍ପା ନିଳୀମା ଲାକ୍ରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ଗ୍ରୀଷ୍ମ ମୁକାବିଲା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଦାଶ ସୂଚନା ରଖିଥିଲେ। ଏହି ସମୟରେ ପାକୃତିକ ବିପର୍ଯ୍ୟୟ ସମ୍ଭାବନା ରହୁ ଥିବାରୁ ଏହାକୁ ମୁକାବିଲା କରିବା ଉପରେ ଆଲୋଚନା କରାଯାଇଥିଲା। ଗତବର୍ଷ ରାସନ ସାମଗ୍ରୀ ଆଣିବା ପାଇଁ ଯାଇଥିବା ଭାପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା। ସେହିଭଳି ଭାବେ ଅନ୍ୟ ଜଣଙ୍କ ମୃତ୍ୟୁ ହୋଇଥିଲା। ଚଳିତ ବର୍ଷ ଜିରୋ କାଜୁଆଲିଟକୁ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକ ଖୋଲିବା ସମୟ ନିର୍ଦ୍ଧାରିତ କରାଯିବ ଉପରେ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ପରିବେଶ ପରିବର୍ତ୍ତନ, ଗ୍ଲୋବାଲ ୱର୍ମିଂ ଚାଲିଛି। ତାହା ଦ୍‌?ାରା ତାପମାତ୍ରା ବୃଦ୍ଧି ପାଉଛି। ଗ୍ରୀଷ୍ମ ମୁକାବିଲା ପାଇଁ ପ୍ରତ୍ୟେକ ଅଫିସ ସାମ୍ନାରେ ଏକ ନମ୍ବର ଲେଖାଯିବାକୁ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ମଣିଷ ସହ ବନ୍ୟଜନ୍ତୁଙ୍କ ଜୀବନ ରକ୍ଷାକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଗୁଡ଼ିକରେ ପଙ୍ଖା, ପାନୀୟ ଜଳ ବ୍ୟବସ୍ଥା ନିଶ୍ଚିତ କରାଯିବାକୁ କହିଥିଲେ। ଅଗ୍ନିକାଣ୍ଡ, ବିଦ୍ୟୁତ୍ ଆଘାତ ଭଳି ଘଟଣା ମୁକାବିଲା କରାଯିବାକୁ ପରାମର୍ଶ ଦେଇଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଅଂଶୁଘାତ ମୁକାବିଲା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ସ୍ୱାସ୍ଥ୍ୟ ବିଭାଗ ନିଶ୍ଚିତ କରିବାକୁ କହିଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ରାଉତ, ସମସ୍ତଙ୍କୁ ପାନୀୟ ଜଳ ସୁବିଧା କରାଯିବାକୁ ପ୍ରସ୍ତାବ ଦେଇଥିଲେ। ପଞ୍ଚାୟତ ଓ ପାନୀୟ ଜଳ ବିଭାଗ ଆବଶ୍ୟକ ସ୍ଥାନରେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେବାକୁ କହିଥିଲେ। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲିବାକୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ବିଭିନ୍ନ ବିଭାଗ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ

## ମାତୃଭାଷାର ବହୁଳ ବ୍ୟବହାର ଓଡ଼ିଆ ଭାଷାକୁ ଦୀର୍ଘସ୍ଥାୟୀ କରିବ

ଖୋର୍ଦ୍ଧା,୨୧।୨(ସମିସ): ଅନ୍ତର୍ଜାତୀୟ ମାତୃଭାଷା ଦିବସ ଉପଲକ୍ଷେ ଆଜି ବିଭିନ୍ନ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ କରାଯାଇ ଏହି ଦିବସକୁ ପାଳନ କରାଯାଇଛି।





### ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା

ଉତ୍କଳ ସମ୍ମିଳନୀ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ବଡତୋଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅଧିବକ୍ତା ଶିବ ସୁନ୍ଦର ପଟ୍ଟନାୟକଙ୍କ ସଭାପତିତ୍ୱରେ ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କୋଷାଧ୍ୟକ୍ଷ ଡ. ବିମଳ ଚନ୍ଦ୍ର ଷଡଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଉତ୍କଳ ସମ୍ମିଳନୀ ତରଫରୁ ମାତୃଭାଷା ଓଡିଆର ସୁରକ୍ଷା ଓ ପ୍ରଚାର ପ୍ରସାର ପାଇଁ ନିଆଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ଦାଶ, ମାତୃଭାଷା ଦିବସ ର ଉତ୍ପତ୍ତି, ଓଡିଆ ପରମ୍ପରା, ସଂସ୍କୃତି, ଚାଲିଚଳନ ଉପରେ ମାତୃଭାଷାର ଗୁରୁତ୍ୱ ଉପରେ ବକ୍ତବ୍ୟ ରଖିଥିଲେ।

ଅନ୍ୟତମ ଅତିଥିଭାବେ ଶିକ୍ଷାବିତ୍ ଜବାହାରଲାଲ ସୁବୁଦ୍ଧି ମାତୃଭାଷା ଶିକ୍ଷାଦାନର ଉପକାରିତା ସମ୍ପର୍କରେ ଉପଦେଶ ପ୍ରଦାନ









କରିଥିଲେ। ମାତୃଭାଷା ପାଳନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଅବସରପ୍ରାପ୍ତ ସମବାୟ ଅଧିକାରୀ ପ୍ରସନ୍ନ ମିଶ୍ର, କିଶୋର ଚନ୍ଦ୍ର ପାଇକରାୟ, ଅର୍ଜୁନ ବାରିକ, ଧୋବଲି ମଙ୍ଗରାଜ, ପ୍ରତାପ ଚନ୍ଦ୍ର ବାରିକ, ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଜଟଣୀ ମଣ୍ଡଳ ଶିକ୍ଷା ଅଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତ ସିଂହାର ଅତିଥି ଭାବେ ଯୋଗ ଦେଇ ଉତ୍କଳ ସମ୍ମିଳନୀ ତରଫରୁ ପ୍ରଦତ୍ତ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବିଦ୍ୟାଳୟ ର ସମସ୍ତ ଛାତ୍ରଛାତ୍ରୀଙ୍କୁ ବାଂଟିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ବଳିୟାରସିଂହ, ଇପ୍ସିତା ପ୍ରଧାନ, ସୁସ୍ମିତା ଜେନା, ସଚଳା ପରିଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ବରିଷ୍ଠ ନାଗରିକ ମଞ୍ଚ

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଶ୍ରୀରାମନଗରସ୍ଥିତ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ଓଡ଼ିଆର ଅନେକ ନିତି ଦିନିଆ ଶବ୍ଦ, ଜନ୍ମଦିନ, ଏକୋଇଶିଆ, ବ୍ରତୋପନୟନ, ନିର୍ବନ୍ଧ, ବିବାହ, ମଙ୍ଗନ ଇତ୍ୟାଦି ସାମାଜିକ ଚଳଣୀରୁ ଅଦୃଶ୍ୟ ହୋଇଯିବା ଅତ୍ୟନ୍ତ ଚିନ୍ତାଜନକ ବୋଲି ମଞ୍ଚର ଉପଦେଷ୍ଟା ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ବାସୁଦେବ ପାତ୍ର ପ୍ରକାଶ କରିଛନ୍ତି। ଏପରିକି ଓଡ଼ିଆ ଭାଷାରେ ବିଭିନ୍ନ ସମ୍ପର୍କକୁ ନେଇଥିବା ସ୍ୱତନ୍ତ୍ର ସମ୍ବୋଧନ ବାପା, ବୋଉ, ମାମୁଁ, ମାଇଁ, ମଉସା, ମାଉସୀ, ପିଇସା, ପିଇସୀ ଇତ୍ୟାଦିକୁ ଯୁବ ପିଢ଼ି ଭୁଲିଯିବାକୁ ବସିଲେଣି। ସାମାଜିକ ଉତ୍ସବରେ ନିମନ୍ତ୍ରଣ ପତ୍ର ଓଡ଼ିଆରେ ନ ଲେଖି ନିଜ ମାତୃଭାଷାକୁ ଅସମ୍ମାନ କରୁଛନ୍ତି ବୋଲି ଡ. ପ୍ରମୋଦ ଚନ୍ଦ୍ର ଦାଶ ଅଭିଯୋଗ କରିଥିଲେ।

ବରପୁତ୍ରମାନଙ୍କ ପ୍ରତି କୃତଜ୍ଞତା ପ୍ରଦର୍ଶନ ସ୍ୱରୂପ ଖୋର୍ଦ୍ଧା କଚେରୀ ସମ୍ମୁଖରେ ସ୍ଥାପିତ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମଞ୍ଚ ତରଫରୁ ବୈକୁଣ୍ଠନାଥ ରାଜଗୁରୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ଏବଂ ନିମ୍ନ ଅଦାଲତରେ ଓଡ଼ିଆରେ ଦସ୍ତାବିଜ୍ ଲେଖା ନ ହେବା 'ଓଡ଼ିଆ ଅସ୍ମିତା' ନାରାପ୍ରତି ପ୍ରବଂଚନା ବୋଲି ମଞ୍ଚର ସମ୍ପାଦକ ରାମଶଙ୍କର ମତ ପ୍ରକାଶ କରିଛନ୍ତି।

### ବିଜେବି ଉଚ୍ଚ ବିଦ୍ୟାଳୟ

ବିଜେବି ଉଚ୍ଚ ବିଦ୍ୟାଳୟ ସଭାଗୃହଠାରେ ପ୍ରଧାନଶିକ୍ଷକ ବିଭୁପ୍ରସାଦ ସେନାପତିଙ୍କ ଅଧ୍ୟକ୍ଷତାରେ ମାତୃଭାଷାର ଗୁରୁତ୍ୱ ଉପରେ ଅଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଓଡ଼ିଆ ଭାଷାରେ ଭାଷଣ, ନିବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ବିଭୁ ପ୍ରସାଦ ପଣ୍ଡା, ଚନ୍ଦ୍ରକାନ୍ତ ଦାସ, ଜଗନ୍ନାଥ ରାଉତ, ଦେବାଶିଷ ପାଇକରାୟ, ରାହୁଲ ମହାରଣା ଏବଂ ଶିକ୍ଷୟିତ୍ରୀ ସବୁଜିମା ସାହୁ ବକ୍ତବ୍ୟ ରଖିଥିଲେ।

### ଟାଙ୍ଗୀ

ଟାଙ୍ଗୀ ବ୍ଲକ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଲଳିତ ନାରାୟଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅତିଥି ରୂପେ ରାଜୁ ଢାଲି, ଭାରତୀ ଦେଇ,ସନ୍ତୋଷ ସରଦାର, ଚିତ୍ତରଞ୍ଜନ ମଣ୍ଡଳ, ଯମୁନା କବିରାଜ ପ୍ରମୁଖ ଯୋଗଦେଇ ମାତୃଭାଷାର ବହୁଳ ବ୍ୟବହାର ଏବଂ ପ୍ରଚାର ପ୍ରସାର ନିଜଠାରୁ ଆରମ୍ଭ ହେବାର ନିରନ୍ତର ପ୍ରୟାସ ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ରାଜ ଧନ୍ୟବାଦ ଅର୍ପଣ କରିଥିଲେ। ମନୋରମା ସାହୁ ଶପଥ ପାଠ କରାଇଥିଲେ।ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ଶ୍ରୁତଲିଖନ, ପ୍ରବନ୍ଧ ଲିଖନ, ଗଳ୍ପ କଥନ, କୁଇଜ୍ ଇତ୍ୟାଦି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। କୋଏଲ ବୈରାଗୀ, ପ୍ରିୟଙ୍କା ମଣ୍ଡଳ, ସୁଦୀପ୍ତା ମଣ୍ଡଳ, ପୂର୍ବା ମଣ୍ଡଳ, କୁମାରୀ ବେହେରା, ଶ୍ରୀତମ ମଣ୍ଡଳ, ଶାଶ୍ୱତ ହରିଚନ୍ଦନ, ରୀୟା ସାନା, ରବୀନ୍ଦ୍ର ମଣ୍ଡଳ ପ୍ରମୁଖ। ଅନ୍ୟମାନଙ୍କ ମଧ୍ୟରେ ବୀଣାପାଣି ମଣ୍ଡଳ,ଗାୟତ୍ରୀ ବିଶ୍ୱାସ, ସୁପ୍ରିୟା ଗାଇନି,ନିଳିମା ମଣ୍ଡଳ, ମଳିନା ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସେହିପରି ଟାଙ୍ଗୀ ବ୍ଲକ ପାରିଓରଡ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦୁର୍ଯ୍ୟୋଧନ ପ୍ରଧାନଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମୀଧର ବେହେରା, ମୁଖ୍ୟ ବକ୍ତା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନ କୁମାର ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ନବ କିଶୋର ଚହଟରାୟ ଯୋଗ ଦେଇ ଥିଲେ। ବକ୍ତୃତା ପ୍ରତିଯୋଗିତାରେ ଛାତ୍ରୀ ପୁଷ୍ପା ରାଉତ, ପୁଷ୍ପାଞ୍ଜଳି ବାରିକ, ଛାତ୍ର ସୌମ୍ୟରଂଜନ ସାହୁଙ୍କୁ ଅତିଥିବର୍ଗ ପୁରସ୍କୃତ କରିଥିଲେ।

### ଚିଲିକା/ବାଣପୁର

ଭାଷା ସୁରକ୍ଷା ମଞ୍ଚ ପକ୍ଷରୁ ବାଲୁଗାଁ ଗୋପୀନାଥପୁରସ୍ଥିତ କାର୍ଯ୍ୟାଳୟ ପରିସରରେ ୨୭ ତମ ବିଶ୍ୱ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ମଞ୍ଚର ସଭାପତି କବି ରଙ୍ଗନାଥ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ଜିଲ୍ଲା ଭାଷା ସୁରକ୍ଷା ମଞ୍ଚର ସଭାପତି ଐତିହାସିକ ସତ୍ୟବାଦୀ ବଳିୟାର ସିଂହ, ମୁଖ୍ୟ ବକ୍ତା ଭାବେ ଗବେଷକ ମଦନ ମୋହନ ମହାପାତ୍ର, ସମ୍ମାନିତ ସମ୍ମାନୀତ ବକ୍ତା ଭାବେ ସାହିତ୍ୟ ସିନ୍ଧୁରା ଓ ପରିଡ଼ା ପାଠାଗାରର ପ୍ରତିଷ୍ଠାତା ଗୋଲକ ବିହାରୀ ପରିଡ଼ା, ବାଣପୁର ବରିଷ୍ଠ ନାଗରିକ ମଞ୍ଚର ସଭାପତି ଡ. ଚିନ୍ତାମଣୀ ମିଶ୍ର ଯୋଗ ଦେଇ ମାତୃଭାଷା ଓ ଓଡ଼ିଆ ଅସ୍ମିତା ଶୀର୍ଷକ ଆଲୋଚନାଚକ୍ରରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ବରିଷ୍ଠ କବି ତଥା ସପ୍ତଫେଣୀ ପତ୍ରିକାର ସମ୍ପାଦକ ଗୋପୀନାଥ ଦାଶ ଓ ଗୀତିକାର ଦିଗମ୍ବର ବିଶ୍ୱାଳଙ୍କ ମିଳିତ ସଂଯୋଜନାରେ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଚିଲିକା ଭାଷା ସୁରକ୍ଷା ମଞ୍ଚର ସମ୍ପାଦକ ଆଇନଜୀବୀ ଶେଷଦେବ ମହାରଣା ପ୍ରାରମ୍ଭିକ ଅଭିଭାଷଣ ଓ ଧନ୍ୟବାଦ ପ୍ରଦାନ କରିଥିଲେ।

### ବେଗୁନିଆ

ବେଗୁନିଆ ବ୍ଲକ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ ହୋଇଛି। ଏଥିରେ ସହକାରୀ ଶିକ୍ଷୟିତ୍ରୀ ଭାରତୀ ମହାନ୍ତିଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ନାରାୟଣ ମାନସିଂହଙ୍କ ସଂଯୋଜନାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ନାୟକଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହି ଜୁନିୟର ଓ ସିନିୟର୍ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ ଲିଖନ, ତର୍କ, ବକ୍ତୃତା, ଚିତ୍ରାଙ୍କନ ଓ ସଙ୍ଗୀତ ପରିବେଷଣ ଆଦି ପ୍ରତିଯୋଗିତା ଆୟୋଜନ ହୋଇଥିଲା। ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳୀ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବ ଶତ୍ରୁତାରୁ ୱାର୍ଡସଭ୍ୟଙ୍କୁ ଆକ୍ରମଣ



ଖୋର୍ଦ୍ଧା,୨୧।୨(ସମିସ): ସଦରଥାନା ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ପୂର୍ବ ଶତ୍ରୁତାରୁ ଆକ୍ରମଣରେ ଜଣେ ୱାର୍ଡମେମ୍ବର ଗୁରୁତର ଆହତ ହୋଇଛନ୍ତି। ଆହତ ୱାର୍ଡ ମେମ୍ବର ହେଲେ ନବ ଜେନା। ତାଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ନବ ଆଜି ଗାଁର ଜଣେ ଯୁବକଙ୍କ ସହ ସ୍ଥାନୀୟ ଅଂଚଳରେ ନିଶା ସେବନ କରୁଥିଲେ। ସେହି ସମୟରେ ପୂର୍ବ ଶତ୍ରୁତା କାରଣରୁ ଉକ୍ତ ଯୁବକ ମଦ ବୋତଲରେ ତାଙ୍କୁ ଆକ୍ରମଣ କରିଥିଲା। ନବଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ନବଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଟକ ରଖି ତଦନ୍ତ ଚଳାଇଥିବା ଜଣାଯାଇଛି। ପ୍ରକାଶ ଥାଉକି, ଆହତ ବ୍ୟକ୍ତି ହେଲେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କୁରାଡମଲ୍ଲ ପଂଚାୟତର ଜଣେ ୱାର୍ଡମେମ୍ବର ଅଛନ୍ତି।

## ମାଙ୍କଡା ଖଣିରେ ଚଢଉ; ୪ ପାୱାରଟିଲର ଓ ୨ବାଇକ୍ ଜବତ

ଖୋର୍ଦ୍ଧା,୨୧।୨(ସମିସ): ଜଙ୍କିଆ ଥାନା ଅନ୍ତର୍ଗତ ମୋଟା ଅଞ୍ଚଳରେ ଚାଲିଥିବା ବେଆଇନ୍ ଖଣିରେ ଗତକାଲି ବିଳମ୍ବିତ ରାତିରେ ତହସିଲ ପ୍ରଶାସନ ପକ୍ଷରୁ ଚଢଉ କରାଯାଇ ପଥର କଟା ରେ ଲାଗିଥିବା ୪ଟି ପାୱାରଟିଲର ମେସିନ୍ ଓ ଦୁଇଟି ବାଇକ୍ ଜବତ କରାଯାଇଛି। ପ୍ରଶାସନ ଚଢଉ ଦେଖି ପଥର ମାଫିଆ ଛତ୍ରଭଙ୍ଗ ଦେଇଥିଲେ। ଜବତ ମେସିନ ଓ ବାଇକ୍‌କୁ ତହସିଲ ପ୍ରଶାସନ ପକ୍ଷରୁ ଜଙ୍କିଆ ଥାନା ଜିମା ଦିଆଯାଇଥିବା ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡି ସୂଚନା ଦେଇଛନ୍ତି। ଚଢ଼ଉରେ ଅତିରିକ୍ତ ତହସିଲଦାର ଡି. ଗୋପାଳ ରେଡି, ରାଜସ୍ୱନିରୀକ୍ଷକ ଦୁଃଖିଶ୍ୟାମ ସ୍ୱାଇଁ ଓ ପୁଲିସ ସାମିଲ ଥିଲେ।

## ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟକାରୀ କମିଟି ବୈଠକ

ଟାଙ୍ଗୀ,୨୧।୨(ସମିସ): ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ସଭାପତି ପଦ୍ମନାଭ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଟାଙ୍ଗୀ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଆନ୍ତର୍ଜାତିକ ମାତୃଭାଷା ଦିବସ ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମେଶ କୁମାର ବଳବନ୍ତରାୟ ବକ୍ତବ୍ୟ ରଖି ସବୁ କ୍ଷେତ୍ରରେ ଆମ ସମୃଦ୍ଧ ଓଡ଼ିଆ ଭାଷାକୁ ବ୍ୟବହାର କରିବା ସହିତ ବିବାହ ନିମନ୍ତ୍ରଣ ପତ୍ର ଇତ୍ୟାଦି ଓଡ଼ିଆରେ ଲେଖିବାକୁ ଆହ୍ୱାନ କରିଥିଲେ। ଆସନ୍ତା ମାର୍ଚ୍ଚ ୧୮ ତାରିଖ ବୁଧବାର ଦିନ ସଂଘର ବାର୍ଷିକ ଅଧିବେଶନ କରାଯିବା ପାଇଁ ସ୍ଥିର ହୋଇ ଥିବା ସମ୍ପାଦକ ଭଗବାନ ଚମ୍ପତି ପ୍ରକାଶ କରିଛନ୍ତି। ଉପସଭାପତି ରାଜକିଶୋର ରଣ ସିଂହ, ସର୍ବେଶ୍ୱର ପଲ୍ଲାଇ, ପରୀକ୍ଷିତ ମହାରଣା, ପଠାଣି ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନାକେଦମ୍ କଲାଣି ଗୋଠଛଡ଼ା ଦନ୍ତା

ବେଗୁନିଆ,୨୧।୨(ସମିସ): ବର୍ତ୍ତମାନ ସମୟରେ ଦିନକୁ ଦିନ ଜଙ୍ଗଲ କାଟି ବିଭିନ୍ନ ଶିଳ୍ପ ଅନୁଷ୍ଠାନ ଗଢି ଉଠୁଥିବାରୁ ଅସନ୍ତୁଳିତ ପରିବେଶ ମଧ୍ୟରେ ବିଚରଣ କରୁଥିବା ଜଙ୍ଗଲୀ ହାତୀ ଖାଦ୍ୟ ଅନ୍ୱେଷଣରେ ଏବେ ଜନ ବସତି ମୁହାଁ ହେବାରେ ଲାଗିଛନ୍ତି। କେତେବେଳେ ହାତୀ ଆକ୍ରମଣରେ ମୃତ୍ୟୁବରଣ କରୁଛି ତ କେତେବେଳେ ମଣିଷ ବିଭିନ୍ନ ପ୍ରକାର ବ୍ୟବସ୍ଥା କରି ହାତୀକୁ ମାରି ନିଜର ଫସଲକୁ ରକ୍ଷା କରୁଛି। ଏହି ହାତୀ ମଣିଷ ଲଢେଇ ଚାଲୁଥିବା ବେଳେ ବେଗୁନିଆ ଓ ବୋଲଗଡ ବ୍ଲକ ଅଞ୍ଚଳରେ କିଛି ଦିନ ହେବ ଦୁଇଟି ଗୋଠ ଛଡ଼ା ଦନ୍ତା ଏଣେ ତେଣେ ବିଚରଣ କରୁଥିବାର ଦେଖିବାକୁ ମିଳୁଛି। ଏହାକୁ ଆୟତ୍ତ ସହ ଗତିବିଧି ଲକ୍ଷ୍ୟ କରିବା ପାଇଁ ସ୍ଥାନୀୟ ବନ୍ ବିଭାଗ କର୍ମଚାରୀଙ୍କ ପାଖରେ ନା ଅଛି କିଛି ସୁବିଧା ନା ଅଛି ଅତ୍ୟାଧୁନିକ ସୁବିଧା। କର୍ମଚାରୀ ମାନେ କେବଳ ହାତୀ ପଛରେ ଅନୁସରଣ କରି ଜନ ସାଧାରଣଙ୍କୁ ସତର୍କ ସୂଚନା ଦେବା ଛଡ଼ା ଆଉ କୌଣସି ଉପାୟ



ନାହିଁ। ତେବେ ଶୁକ୍ରବାର ଦିନ ରାତ୍ରରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଖୋର୍ଦ୍ଧା ବ୍ଲକ ନିକଟସ୍ଥ ଆଡଖଣ୍ଡିଆ ଗ୍ରାମ ଦେଇ ଗୋଡି, ବାମଡିହ ଠାରେ ପହଂଚି ଗାଁ ଦାଣ୍ଡରେ ବିଚରଣ କରୁଥିବା ସମୟରେ ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଘୁରି ବୁଲୁଥିବା ଦେଖିବାକୁ ମିଳୁଛି। ଗତ ଜାନୁଆରୀ ମାସ ୨ ବେଗୁନିଆ ବ୍ଲକ ଅନ୍ତର୍ଗତ ଭୁଆସୁଣୀ ପାଟଣା ଗ୍ରାମର ପ୍ରିୟବ୍ରତ ପରିଡ଼ା ହାତୀ ଘୋଷାଡି ନେଇ ମାରିବା ଓ ଫେବୃଆରୀ ମାସ ୭ ରିଖରେ ଖଡିପଦର୍ ଗ୍ରାମର ଶଙ୍କର ରାଉତରାୟଙ୍କୁ ହାତୀ ଦଳି ଗଣ୍ଡି ଓ ମୁଣ୍ଡ ଅଲଗା କରିବା ଘଟଣାଟି ଜନ ସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଥିବା ବେଳେ ବିଭିନ୍ନ ସମୟରେ ହାତୀ ଆକ୍ରମଣରେ ଆହତ ହୋଇଥିବା ଖବର ମଧ୍ୟ ବହୁ ସମୟରେ ଆସୁଛି। ଏଥିପ୍ରତି ବନ୍ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବା ପାଇଁ କେବଳ ହାତ ଗଣତି କର୍ମଚାରୀ ପଠାଇ ଦେଇ ଚୁପଚାପ୍ ବସି ରହି ଥିବାରୁ ହାତୀ ବିଚରଣ କରୁଥିବା ସ୍ଥାନରେ ଜନ ବିଗତ ଦିନର ଘଟଣାକୁ ମନେ ପକାଇ ଭୟରେ କାଳାତିପାତ କରୁଛନ୍ତି। ଶୁକ୍ରବାର ଦିନ ରାତ୍ରରୁ ବିଚରଣ କରୁଥିବା ଗୋଠଛଡ଼ା ଦନ୍ତା ବୋଲଗଡ ବ୍ଲକ ଅନ୍ତର୍ଗତ କଡବ ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରର ପ୍ରବେଶ ପଥ ସହ ଧାନ ବସ୍ତାକୁ ଟେକି ନଷ୍ଟ କରି ଦେଇ ନିକଟରେ ଥିବା ଜଙ୍ଗଲକୁ ପଳାଇ ଯାଇଥିଲା। ଖବର ଲେଖା ହେଲା ବେଳକୁ ନୟାଗଡ ଜିଲ୍ଲା ରଣପୁର ବ୍ଲକ କୁଳାସର୍ ଠାରେ ପହଁଚିଛି ବୋଲି ସୂଚନା ମିଳିଛି।

## ଫସଲ ନଷ୍ଟ କଲେ ହାତୀ

ବେଗୁନିଆ, ୨୧।୨ (ସମିସ): ବେଗୁନିଆ ବ୍ଲକ ସିକୋ ନିକଟସ୍ଥ ନାରଗୋଦା ଜଙ୍ଗଲରେ ରହୁଥିବା ୧୪ ଟିକିଆ ହାତୀପଲ ବିଭିନ୍ନ ସ୍ଥାନରେ ପଶି ଚାଷୀ ମାନଙ୍କର ଫସଲ ନଷ୍ଟ କରିବା ଯୋଗୁଁ ଚାଷୀ ମାନେ ଚିନ୍ତାପ୍ରକଟ କରିଛନ୍ତି। ସିକୋ ପଞ୍ଚାୟତ ବେଲପଡା ଗ୍ରାମର ଏକଡାଳିଆ ମୌଜାରେ ଦାଶରଥୀ ନରେନ୍ଦ୍ରଙ୍କ ୩ ଏକରରୁ ଉର୍ଦ୍ଧ୍ୱ ଜମିରେ ଖରାଟିଆ ଧାନ, ସୂର୍ଯ୍ୟମୁଖୀ, ଆଳୁ ଓ ଜହ୍ନି, ପ୍ରଶାନ୍ତ ବଳିୟାରସିଂହ ଫୁଲ ଚାଷ ଓ ସୁଶାନ୍ତ ରାଉତରାୟଙ୍କ କୁକୁଡ଼ା ଫାର୍ମ ଭିତରେ ପଶି ସେ ଲଗାଇଥିବା ନଡ଼ିଆ ଗଛ ନଷ୍ଟ କରିବା ସହିତ ପାଚେରୀ ଭାଙ୍ଗି ଦେଇଛନ୍ତି।

## ସ୍କୁଟି ଡିକି ଭାଙ୍ଗି ନେଇଗଲେ ଟଙ୍କା

ଖୋର୍ଦ୍ଧା,୨୧।୨(ସମିସ): ଦିନ ଦିପ୍ରହରରେ ବ୍ୟାଙ୍କ ପରିସରରୁ ସ୍କୁଟିଭାଙ୍ଗି ଦୁର୍ବୃତ୍ତ ଲୁଟିନେଲେ ୪୦ହଜାର ଟଙ୍କା। ଲୁଟ୍‌ର ସମସ୍ତ ଚିତ୍ର ସିସିଟିଭି ରେ କଏଦ ହୋଇଛି।





ମୁକୁନ୍ଦ ପ୍ରସାଦ ଅଂଚଳର ମହମ୍ମଦ ଅସରଫ ଟଙ୍କା ଉଠାଇବାକୁ ଷ୍ଟେଟ ବ୍ୟାଙ୍କ କୁ ଏକ ଧଳା ରଙ୍ଗର ସ୍କୁଟିଯୋଗେ ଆସିଥିଲେ। ବ୍ୟାଙ୍କ ପରିସରରେ ସ୍କୁଟି ଓ ହେଲମେଟ ରଖି ସେ ଭିତରକୁ ଯାଇ ୪୦ହଜାର ଟଙ୍କା ଆଣି ଗାଡି ଡିକିରେ ରଖିଥିଲେ। ପୁନର୍ବାର କୌଣସି କାମରେ ବ୍ୟାଙ୍କ୍ ଯାଇଥିଲେ। ପରେ ଆସି କି ଦେଖିଲାବେଳକୁ ସ୍କୁଟି ଡିକି ଭାଙ୍ଗି ଟଙ୍କା ଲୁଟ ହୋଇଯାଇଛି। ଲୁଟ ବେଳର ସିସିଟିଭି ଦୃଶ୍ୟରେ ଏକାଧିକ ବ୍ୟକ୍ତିଙ୍କ ଦ୍ୱାରା ଏହି ଲୁଟ ହୋଇଥିବା ଜଣାପଡୁଛି। ଏ ନେଇ ମହମ୍ମଦ ଅସରଫ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ମଧ୍ୟ କେହି ସହଯୋଗ କରିନଥିଲେ। ବ୍ୟାଙ୍କ୍ ରୁ ନିରାଶ ହୋଇ ସେ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ତିନିଜଣ ଲୁଟେରା ଆସି ସର୍ବ ସମ୍ମୁଖ ରେ ସ୍କୁଟିରୁ ଡିକି ଭାଙ୍ଗି ଟଙ୍କା ନେଇ ଆଖି ପିଛୁଳାକେ ପଳେଇଥିବା ସିସିଟିଭିରେ କଏଦ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଁଚି ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛି।

## ରକ୍ଷଣାବେକ୍ଷଣ ଅଭାବରୁ ବାଲିପାଟପୁର ଜେଟି ଅସୁରକ୍ଷିତ

ଭୂଷଣ୍ଡପୁର,୨୧।୨(ସମିସ): ଟାଙ୍ଗୀ ବ୍ଲକ ବାଲିପାଟପୁର ପଞ୍ଚାୟତର ପ୍ରାୟ ଦେଢ଼ ହଜାରରୁ ଉର୍ଦ୍ଧ ମତ୍ସ୍ୟଜୀବୀ ପରିବାର ଚିଲିକା ଉପରେ ନିର୍ଭର କରିଥାନ୍ତି। ଏହି ମତ୍ସ୍ୟଜୀବୀ ପରିବାର ଦୈନିକ ଡ଼ଙ୍ଗା ନେଇ ଚିଲିକାକୁ ଯାଇଥାନ୍ତି। ପରେ ମାଛମାରି ଫେରି ଥାନ୍ତି। ତେବେ ଚିଲିକାରୁ ମାଛମାରି ଆଣି ଆସିବା ବେଳେ ଉପଯୁକ୍ତ ରହଣି ସ୍ଥଳ ନଥିବାରୁ ଏମାନେ ନାନା ଅସୁବିଧାର ସମ୍ମୁଖୀନ ହେବା ସହ ଖୋଲା ମେଲାରେ ମୁକ୍ତାକାଶ ତଳେ ଏହା ବେପାର ବାଣିଜ୍ୟ କରୁଥିଲେ। ସେହିପରି ଦୂରଦୂରାନ୍ତରୁ ବ୍ୟବସାୟ ଉଦେଶ୍ୟରେ ଆସୁଥିବା ବ୍ୟବସାୟମାନେ ମଧ୍ୟ ସମଦଶା ଭୋଗ କରୁଥିଲେ। ଏତଦବ୍ୟତୀତ ମାଛ ଧରିବା ନିମନ୍ତେ ବ୍ୟବହୃତ ଜାଲ ତଥା ଅନ୍ୟାନ୍ୟ



ସାମଗ୍ରୀ ରଖିବା ନିମନ୍ତେ ମଧ୍ୟ କୌଣସି ସୁବିଧା ନଥିଲା। ଏ ନେଇ ମତ୍ସ୍ୟଜୀବୀ ପରିବାର ପକ୍ଷରୁ ସେମାନଙ୍କ ନିମନ୍ତେ ସ୍ଥାୟୀ ଗୃହ ନିର୍ମାଣ ନିମନ୍ତେ ବାରମ୍ବାର ଦାବି ପରେ ୧୯୯୪/୯୫ମସିହାରେ ବିଭାଗୀୟ ଲକ୍ଷଲକ୍ଷ ଟଙ୍କାର ବିନିମୟରେ ୧୦ରୁ ଉର୍ଦ୍ଧ ଓପନସେଡ ସହ ବ୍ୟବହୃତ ନିମନ୍ତେ ଶୌଚାଳୟମାନ ନିର୍ମାଣ ହୋଇଥିଲା। ପ୍ରାରମ୍ଭରୁ ଏହା ମତ୍ସ୍ୟଜୀବୀଙ୍କ କାର୍ଯ୍ୟରେ ଲାଗିଲା। ଇତି ମଧ୍ୟରେ ୩ ଦଶନ୍ଧି ବିତିବାକୁ ବସିଥିଲେ ସୁଦ୍ଧା ଅଦ୍ୟାବଧି ଏହାର ମରାମତି ହେଉନାହିଁ। ଯଦ୍ୱାରା ନିର୍ମିତ ଗୃହ ଗୁଡିକରେ ଭୁଶୁଡିବା ପରିସ୍ଥିତି ସୃଷ୍ଟି ହେଲାଣି। ଅନେକ ପିଲାର ଗୁଡିକ ଚିଲିକାରୁ ବୋହି ଆସୁଥିବା ଲୁଣିଆ ପବନ ପ୍ରଭାବରେ ଭିତରେ ଥିବା ଲୁହା ଛଡ଼ ସବୁ କଳଙ୍କି ହୋଇ ଫାଟ ସୃଷ୍ଟି କରିଛି। ସେହିପରି ଛାତ ଉପରୁ

### ମରାମତି ଦାବିକଲେ ମତ୍ସ୍ୟଜୀବୀ

ମଧ୍ୟ କଂକ୍ରିଟ ଛେଲାମାନ ଖସିଲାଣି। ବର୍ଷା ଋତୁରେ ଛତୁପାର୍ଶ୍ୱରୁ ପାଣି ମଧ୍ୟ ଗଳୁ ଥିବାରୁ ବସିବା କଷ୍ଟକର ହୋଇପଡିଛି। କେତେବେଳେ ଯେ ଏହା ଭୁଶୁଡି ପଡିବ କହିହେବ ନାହିଁ ବୋଲି କୁହନ୍ତି ମତ୍ସ୍ୟଜୀବୀ ପାରିବାର, ଦୟାନିଧି ବେହେରା, ଅଜୟ ବେହେରା, ଅଭିଯୋଗ କରିଛନ୍ତି।

ସେହିପରି ଏମାନଙ୍କ ଶୌଚ ନିମନ୍ତେ ନିର୍ମାଣ ହୋଇଥିବା ଶୌଚାଳୟରେ ପାଣି ଟାଙ୍କି ଥିଲେ ସୁଦ୍ଧା ପାଣିରେ ବ୍ୟବସ୍ଥା କରାଯାଇ ନଥିବାରୁ ତାହା ମଧ୍ୟ ମତ୍ସ୍ୟଜୀବୀଙ୍କ କାର୍ଯ୍ୟରେ ଆସୁନି। ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ଉକ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଗୃହ ଗୁଡିକର ରକ୍ଷଣା ବେକ୍ଷଣ ନେଇ ଜିଲ୍ଲାପ୍ରଶାସନକୁ ଅଭିଯୋଗ ସତ୍ତ୍ୱେ ଏଥିପ୍ରତି କେହି ଦୃଷ୍ଟି ନଦେବା ବିଡମ୍ବନାର ବିଷୟ ବୋଲି କୁହନ୍ତି ବାଲିପାଟପୁର ପଂଚାୟତର ପୂର୍ବତନ ସରପଂଚ ସୁରେନ୍ଦ୍ର ବେହେରା। ସେହିପରି ଉକ୍ତ ଗୃହର ଅବ୍ୟବସ୍ଥା ସମ୍ପର୍କରେ ଅବଗତ ଥିଲେ ସୁଦ୍ଧା ମତ୍ସ୍ୟଜୀବୀ କମିଟି ପକ୍ଷରୁ କେବେ ଅଭିଯୋଗ ମୋ ପାଖରେ ପହଁଚି ନଥିବାରୁ ଏହାର ପୁନଉଦ୍ଧାର ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ବାଲିପାଟପୁର ସରପଞ୍ଚଙ୍କ ପ୍ରତିନିଧି ଭୀମସେନ ବେହେରା ତାଙ୍କ ପ୍ରତିକ୍ରିୟାରେ ଜଣାଇଛନ୍ତି। ତେବେ ଏହି ଜେଟି ଉପରେ ନିର୍ଭର କରୁଥିବା ଦୈନିକ ହଜାର ହଜାର ମତ୍ସ୍ୟଜୀବୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସେଂଟ୍ରାଲ ସୋସାଇଟିର ପରିଚାଳନା ପରିଷଦ ସଭ୍ୟ ଅଜୟ ବେହେରା ପ୍ରମୁଖ ଜିଲ୍ଲା ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଛନ୍ତି। ଅନ୍ୟଥା ଆଗାମୀ ଦିନରେ ଏହାକୁ ନେଇ ମତ୍ସ୍ୟଜୀବୀ ପରିବାର ପକ୍ଷରୁ ଆନ୍ଦୋଳନକୁ ଏଡାଇ ଦିଆଯାଇ ନପାରେ।

